ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର ଦ୍ୱିମାସିକ ସମ୍ବାଦ ପତ୍ରିକା



# ନିଶାମୁକ୍ତି ସଂଗ୍ରାମ

# NISHAMUKTI SANGRAM

ପ୍ରଥମ ବର୍ଷ | ୫ମ ସଂଖ୍ୟା | ଅଗଷ୍ଟ- ସେପ୍ଟେମ୍ବର ୨୦୧୯ | ଭୁବନେଶ୍ୱର | ପୃଷ୍ଠା - ୪ | ମୂଲ୍ୟ - ୫ ଟଙ୍କା

VOLUME - 1 | ISSUE - 5 | Aug-Sep. 2019 | BHUBANESWAR | 4 PAGES | PRICE : Rs.5.00

ଏଥର ମଦମୁକ୍ତି ଅଭିଯାନରେ ଆମେ ସାମିଲ ହେଉଛୁ



ଆଉ ଆପଣ ... ? ? ?

## ସଂପାଦକୀୟ

### ମଦମୁକ୍ତ ଓଡ଼ିଶା ଦାବିରେ ୨ ଅକ୍ଟୋବର ଗାନ୍ଧି ଜୟନ୍ତୀ ଦିନ ବ୍ଲକ୍ ଅଫିସ୍ ଆଗରେ ଗଣଧାରଣା ସହ ପ୍ରତୀକ ଅନଶନ ପାଳନ କରନ୍ତୁ



ଆପଣମାନେ ବହୁବର୍ଷ ଧରି ମଦ ଅତ୍ୟାଚାର ଭୋଗ କରି ଆସୁଛନ୍ତି ଓ ଏହା ବିରୋଧରେ ଲଢି ଆସୁଛନ୍ତି, ମାଡ଼ ଖାଇଛନ୍ତି, ଜେଲ୍ ଯାଇଛନ୍ତି ଓ ଗୁଳି ମଧ୍ୟ ଖାଇଛନ୍ତି । ଆପଣମାନଙ୍କ ପୂର୍ବରୁ ଉର୍ମିଳା କଅଁର ଓ ଡ଼ିଲେଶ୍ୱ ଦଣ୍ଡସେନାଙ୍କୁ ମଦ ବେପାରୀଙ୍କ ଦଲାଲମାନେ ହତ୍ୟା କରିଛନ୍ତି । ଆପଣମାନେ ନିଜ ଗାଁରୁ ମଦ ଦୋକାନ ଉଠାଇ ଦେବାକୁ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଛନ୍ତି । କିନ୍ତୁ କେବଳ ନିଜ ଗାଁରୁ ମଦ ଦୋକାନ ଉଠିଗଲେ ମଦ ଉତ୍ପାତ କମିବ ନାହିଁ । ଆମ ରାଜ୍ୟରୁ ଓ ଆମ ଦେଶରୁ ମଦ ପୂରା ହଟିଲେ ହିଁ ଶାନ୍ତି ମିଳିବ । ଲକ୍ଷ ଲକ୍ଷ ସଂଖ୍ୟାର ଆପଣମାନେ ଦେଇଥିବା ଦସ୍ତଖତକୁ ବେଖାତିର କରି ରାଜ୍ୟ ସରକାର ଗତ ୨୦ ବର୍ଷ ମଧ୍ୟରେ ୧୦ ଗୁଣ ଲୋକଙ୍କୁ ମଦୁଆ କରିଛନ୍ତି । । ଫଳରେ ୩୦ରୁ ୪୦ ବର୍ଷର ଯୁବକମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ମଦ ପିଇ ଅକାଳରେ ମରିଛନ୍ତି ଓ ପ୍ରାୟ ୧୦ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ଅସମୟରେ ବିଧବା ହୋଇଛନ୍ତି ।

ଏବେ ରାଜ୍ୟ ଓ କେନ୍ଦ୍ର ସରକାର ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଳନ କରୁଛନ୍ତି । ସେହି କାର୍ଯ୍ୟକ୍ରମରେ ରାଜ୍ୟ ଓ ଦେଶରୁ ମଦ ହଟିବା କଥାଟି ନାହିଁ । ଗାନ୍ଧିଜୀଙ୍କ ଦୃଷ୍ଟିରେ ଦେଶ ଓ ଜାତିର ହିତ ପାଇଁ ନିଶା ନିବାରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା । ଲୋକଙ୍କୁ ଭୁଲେଇବା ପାଇଁ ନବୀନ ପଟ୍ଟନାୟକ ଓ ତାଙ୍କ ଚେଲାମାନେ ଅହିଂସାକୁ ସମ୍ବିଧାନରେ ସ୍ଥାନ ଦେବା କଥା କହି ଚାଲିଛନ୍ତି । ବାସ୍ତବରେ କିନ୍ତୁ ମଦ ଯୋଗୁଁ ହିଁ ସମାଜରେ ସବୁ ପ୍ରକାର ହିଂସା ବଢିଚାଲିଛି । ଗଣଧର୍ଷଣ, ଶିଶୁ ଧର୍ଷଣ, ବୃଦ୍ଧ ବାପା ଓ ମାଆଙ୍କୁ ହତ୍ୟା, ମହିଳା ନିର୍ଯ୍ୟାତନା ଆଦି ଯାବତୀୟ ଅସାମାଜିକ କାର୍ଯ୍ୟକଳାପ ମଦ ଯୋଗୁଁ ଘଟିଚାଲିଥିବା ଘଟଣା ଆଜି ଆମ ସମସ୍ତଙ୍କ ଅନୁଭବର କଥା । ଏଣୁ ମଦ ନହଟାଇ ଅହିଂସା କଥା କହିବୁଲିଲେ କଣ ହିଂସାଭାବ ଚାଲିଯିବ ?

ଗାନ୍ଧି କହୁଥିଲେ 'କୌଣସି କାମ କରିବା ବେଳେ ମନରେ ଯଦି ଦ୍ୱନ୍ଦ ସୃଷ୍ଟି ହୁଏ, ତେବେ ସେହି ମୁହୂ□ରେ ଚିନ୍ତା କରିବେ ଯେ, ସେହି କାମଟି ସମାଜର ସବୁଠାରୁ ଗରୀବ ଓ ନିରମାଖୀ ଲୋକଟିର ଉପକାର ସାଧନ କରିବ ତ ? ଯଦି ହଁ, ବୋଲି ମନେ ହେବ, ତେବେ ସେହି କାମଟି ଦିଗରେ ଆଗେଇ ଚାଲ ।" ନବୀନ ବାବୁ ୨୦୧୯ ଅଗଷ୍ଟ ୧୫ ସ୍ୱାଧୀନତା ଦିବସରେ ଗାନ୍ଧିଙ୍କ ସେହି କଥା ଲେଖି ଭୁବନେଶ୍ୱରର ତାଙ୍କ ସରକାରୀ କାର୍ଯ୍ୟାଳୟ ଆଗରେ ଝୁଲାଇ ଦେଇଛନ୍ତି । ସେ ଏବେ ଲୋକଙ୍କ ସହିତ ସିଧା କଥାବା□ା ହେବେ ବୋଲି ଘୋଷଣା କରିଛନ୍ତି । ରାଜ୍ୟର ସବୁ ଅ□ଳରୁ ଜନସାଧାରଣ ତାଙ୍କୁ ଫୋନ୍‌ରେ କହନ୍ତୁ ଯେ 'ମଦ ଯୋଗୁଁ ଗରୀବ ଲୋକଙ୍କ ସଂସାର ଉଜୁଡ଼ି ଯାଉଛି । ସେଇଟାକୁ କାହିଁକି ବନ୍ଦ କରୁନାହାନ୍ତି ?

ସେ ଉ□ରରେ କଣ କହିବେ ତ ଜଣା ନାହିଁ, କିନ୍ତୁ ତାଙ୍କ ଠାରୁ ମଦ ଉଠାଇବାର ଘୋଷଣା ଆଶା କରିବା ନିଶ୍ଚୟ । କିଛିଦିନ ପରେ ଅର୍ଥାତ୍ ଅକ୍ଟୋବର ୨ ତାରିଖରେ ଗାନ୍ଧିଙ୍କ ଜନ୍ମଦିନ ପଡିବ । ଗାନ୍ଧି କହିଥିଲେ ଦେଶ ସ୍ୱାଧୀନ ହେବାର ୨୪ ଘ□ା ମଧ୍ୟରେ ମଦ ଆଦି ନିଶା ଦେଶରୁ ହଟିବା ଦରକାର । ସେହି ପୂଣ୍ୟ ଜନ୍ମତିଥିରେ ଆପଣମାନେ ଶହ ଶହ ସଂଖ୍ୟାରେ ନିଜର ବ୍ଲକ୍ କାର୍ଯ୍ୟାଳୟ ଆଗରେ ସକାଳୁ ସଞ୍ଜ ଯାଏଁ ରାଜ୍ୟରୁ ମଦ ହଟିବା ଦାବିରେ ଗଣଧାରଣା ସହ ପ୍ରତୀକ ଅନଶନରେ ବସନ୍ତୁ । ଗାନ୍ଧିଙ୍କ ମୂ□ି ସେଠାରେ ନଥିଲେ ଏକ ଫଟୋ ରଖି ଗାନ୍ଧି ଭଜନ ଓ ରାମଧୂନ୍ ଗାନ କରନ୍ତୁ । ରାଜ୍ୟର ଜନସାଧାରଣଙ୍କ ହିତ ପାଇଁ ମଦ ହଟିବା ଲାଗି ନିଶା ନିବାରଣ ଆଇନ ୧୯୫୬ରେ କଡ଼ା ଦଣ୍ଡ ବିଧାନ ସହ ତାହା କାର୍ଯ୍ୟକାରୀ କରିବା ନିମନ୍ତେ ଦୃଢ ଦାବି ଜଣାନ୍ତୁ ।

ସଭାପତି – ପଦ୍ମଚରଣ ନାୟକ

ମୁଖ୍ୟ ସମ୍ପାଦକ : ପଦ୍ମଚରଣ ନାୟକ

ଏହି ସଂଖ୍ୟାର କାର୍ଯ୍ୟକାରୀ ସମ୍ପାଦନା ମଣ୍ଡଳୀ : ଡକ୍ଟର ବିଜୟ କୁମାର ସ୍ୱାଇଁ, ପ୍ରିୟନାଥ ଆଚାର୍ଯ୍ୟ, ମଳୟ କୁମାର ତ୍ରିପାଠୀ, କୈଳାସ ଚନ୍ଦ୍ର ମଲ୍ଲିକ

ପ୍ରକାଶକ : ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନ (ମୋନା)

ପ୍ଲଟ ନଂ: ୮୫୩/୧୪୩୧, ପ୍ରଗତି ନର୍ସିଂହୋମ (୨ୟ ମହଲା),
ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା
ଫୋନ୍: ୦୬୭୪-୨୩୯୦୨୧୦, ମୋ: ୯୯୩୮୮୯୩୪୪୫, ୯୪୩୭୦୫୫୦୫୮, ୯୦୪୦୭୩୩୧୦୭, ୯୪୩୮୦୦୫୫୩୩
e-mail : monnaodisha@gmail.com, web : www.monnaodisha.org

## ନୀତୀଶଙ୍କୁ ଭେଟିଲେ ଓଡ଼ିଶା ନିଶା ନିବାରଣ ଟିମ୍



ପଟଣା, ୧୬/୯ (ଇମିସ) : ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଆସନ୍ତା ଜାନୁଆରି ମାସରେ ହେବାକୁ ଥିବା ମହାସମାବେଶରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଯୋଗଦେବେ। ଓଡ଼ିଶା ନିଶା ନିବାରଣ ଅଭିଯାନର ରାଜ୍ୟ ଉପସଭାପତି ପ୍ରଫେସର ବିଜୟ ସ୍ୱାଇଁ, ବିଶିଷ୍ଟ ସମାଜସେବୀ ବୀଣା ଦାସ ଓ ସମାନ ଆନ୍ଦୋଳନ ଓଡ଼ିଶାର ରାଜ୍ୟ ସମ୍ପାଦକ କାହ୍ନୁଚରଣ ବେହୁରାଙ୍କୁ ବିହାର ମୁଖ୍ୟମନ୍ତ୍ରୀ ଶ୍ରୀ କୁମାର ଏହି ସଭାରେ ଯୋଗଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଅଭିଯାନର ଏକ ୩ ଜଣିଆ ଟିମ୍ ଗତ ରବିବାର ବିହାରର ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ପାଟନା ସ୍ଥିତ ସରକାରୀ ବାସଭବନରେ ସାକ୍ଷାତ କରି ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଥିଲେ। ଏହି ସମୟରେ ଓଡ଼ିଶାରେ ନିଶା ନିବାରଣ ଅଭିଯାନ ସମ୍ପର୍କରେ ଶ୍ରୀ କୁମାର ଅଭିଯାନ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଏହାସହିତ ଗାନ୍ଧୀଜୀଙ୍କ ୧୫୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଫେବୃଆରି ମାସ ୧୬ ତାରିଖରେ ଦିଲ୍ଲୀ ଠାରେ ଆୟୋଜିତ ହେବାକୁ ଥିବା ମଦ ବିରୋଧୀ ସମାବେଶ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିହାର ମୁଖ୍ୟମନ୍ତ୍ରୀଙ୍କ ସହିତ ସାକ୍ଷାତ ପରେ ଓଡ଼ିଶା ନିଶା ନିବାରଣ ଅଭିଯାନର କର୍ମୀ ଓ ସମର୍ଥକ ମହଲରେ ଉଲ୍ଲାସ ପ୍ରକାଶ ପାଇଛି।



'ମୋନା' କାର୍ଯ୍ୟାଳୟରେ ସଭାପତି ଓ କର୍ମୀମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ

## ମଦ ବିକ୍ରି ପ୍ରୋତ୍ସାହନକୁ ବିରୋଧ

# ଅବକାରୀ ମନ୍ତ୍ରୀଙ୍କ ବାସଭବନ ଆଗରେ ବିକ୍ଷୋଭ



ଭୁବନେଶ୍ୱର, ୧୬ା୩(ସମିସ): ଅଧିକ ମଦ ବିକ୍ରି ପାଇଁ ସରକାର ମଦ ଦୋକାନୀଙ୍କୁ ପ୍ରୋତ୍ସାହିତ କରିବାକୁ ସ୍ଥିର କରିଛନ୍ତି। ଏହି ନିଷ୍ପତ୍ତିକୁ ଘୋର ବିରୋଧ କରିଛି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ। ଆଜି ଅନୁଷ୍ଠାନ ପକ୍ଷରୁ ଅବକାରୀ ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ଅଧିନିୟମକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି। [illegible]



### ଅବକାରୀ ମନ୍ତ୍ରୀଙ୍କ ଘର ସମ୍ମୁଖରେ ମୋନାର ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ

# ମଦଦୋକାନୀଙ୍କୁ ପୁରସ୍କାର ପ୍ରସ୍ତାବ ଲାଗୁ ହେବନି: ମନ୍ତ୍ରୀ




[illegible]

# ମଦ ନେଇ ଗୃହରେ ଉଦ୍‌ବେଗ



[illegible]

# ମଦ, ମଦୁଆଙ୍କ ଉପଦ୍ରବ ନେଇ ବିଧାନସଭାରେ ଉଦ୍‌ବେଗ

[illegible]

- ମଦ ବିକ୍ରେତାଙ୍କୁ ପୁରସ୍କାର ପ୍ରଦାନ ସରକାରଙ୍କ ନିଷ୍ପତ୍ତି ନୁହେଁ : ମନ୍ତ୍ରୀ
- ଅବକାରୀ ନୀତି ମହିଳାଙ୍କ ସ୍ୱାର୍ଥ ଅନୁକୂଳ ହେଉ : ସୌମ୍ୟରଞ୍ଜନ

[illegible]

# ମଦ ବିରୋଧରେ ପ୍ରଭାତଫେରି



[illegible]

ସମ୍ବାଦ / ଭୁବନେଶ୍ୱର / ୩୧-୮-୨୦୧୯ / ପୃ-୮ ରାଜ୍ୟ ଖ

## ମଦ ଦୋକାନ ଉଚ୍ଛେଦ ପାଇଁ ମହିଳାଙ୍କ ପଣ

# ଅନଶନରେ ବସିଛନ୍ତି ୨୦୦ ମହିଳା



### ରାଜନଗର-ତାଳଚୁଆ ରାସ୍ତାରେ

## ଗାଡ଼ି ଚଳାଚଳ ବନ୍ଦ

ପ୍ରମେୟ ୨୪/୭/୨୦୧୯

# 'ମୋନା' ପକ୍ଷରୁ ନିଶା ବିରୋଧୀ ସଚେତନତା ଶିବିର



ବାଲେଶ୍ୱର,୨୪।୭(ସ୍ୱ.ପ୍ର): ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ବାଲେଶ୍ୱର ଶାଖା ପକ୍ଷରୁ ବୁଧବାର ସ୍ଥାନୀୟ ହାଇସ୍କୁଲରେ ନିଶା ବିରୋଧୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ତଥା ସଙ୍ଗଠନର ସଭାପତି ପ୍ରଭାକର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଙ୍ଗଠନର ଉପଦେଷ୍ଟା ସୁବ୍ରତ କର ଛାତ୍ରଛାତ୍ରୀଙ୍କୁ ନିଶାର ଅପକାରିତା ଉପରେ ବୁଝାଇବା ସହ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟଅତିଥି ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରୀଷ ବସୁ ଜେନା ନିଶାର ଅପକାର ଉପରେ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ବିବରଣୀ ଅନୁସାରେ ଭାରତରେ ୩୮% ନିଶାସକ୍ତ ଅଛନ୍ତି। ୨୦୨୪ ବେଳକୁ ୬୦% ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ସେତେବେଳେ ଭାରତ ନିଶାରେ ଚୀନ, ଆମେରିକାକୁ ଟପିଯିବ। ନିଶା ବିରୋଧରେ ଛାତ୍ରଛାତ୍ରୀ ଆଗେଇବାକୁ ଶପଥ ନେବାକୁ ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଶିବାଶିଷ ଦାଶ (ଜେଏଏସ), ହେମଲତା ଦାସ, ଅଧ୍ୟାପକ କମଳାକାନ୍ତ ଦାସ, ପ୍ରଫେସର ଜଗନ୍ନାଥ ଭଞ୍ଜ, ଟାଉନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ଜେନା, ଶିକ୍ଷକ ଅଶୋକ କୁମାର ପାତ୍ର, ପୂର୍ଣ୍ଣଚନ୍ଦ୍ର ବେହେରା, ସନାତନ ଦାସ ସମେତ ଛାତ୍ରୀ ପାରସ ଖାନ, ଶାଶ୍ୱତୀ ସାହୁ ଓ ଛାତ୍ର ଦାମୋଦର ନାୟକ ପ୍ରମୁଖ ନିଶା ବିରୋଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରମୋଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମଦ ଦୋକାନ ଉଚ୍ଛେଦ ଦାବିରେ ତହସିଲ ଘେରାଉ



ନିଆଳି,୨୧।୯(ନି.ପ୍ର): ଦିନକୁ ଦିନ ନିଆଳି ଅଞ୍ଚଳରେ ମଦ କାରବାର ବୃଦ୍ଧି ପାଉଥିବାବେଳେ ମଦ ଦୋକାନ ଉଚ୍ଛେଦ ଦାବି ଜୋର ଧରିଛି। ଶୁକ୍ରବାର ନିଆଳି ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତରୁ ଶତାଧିକ ମହିଳାଙ୍କ ସମେତ ଶତାଧିକ ବ୍ୟକ୍ତି ନିଆଳି ତହସିଲ ଘେରାଉ କରି ଏହି ବ୍ଲକ ଅନ୍ତର୍ଗତ ବାହାରଣା ପଞ୍ଚାୟତ ଅଠାନ୍ତରଠାରେ ଥିବା ସରକାରୀ ମଦ ଦୋକାନ ଉଚ୍ଛେଦ ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦିନ ୧୦.୩୦ରୁ ନିଆଳି ହଳଦୀବସନ୍ତ ଛକଠାରୁ ଏକ ଶୋଭାଯାତ୍ରାରେ ଆସି ମଦ ବିରୋଧୀ ନାରାବାଜି କରି ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଏହାର ପ୍ରତିବାଦ କରିଥିଲେ। କାର୍ଯ୍ୟକ୍ରମରେ ମୋନା ଯୁବ ବାହିନୀର କଟକ ଜିଲା ସଂଯୋଜକ ଭଲେନ୍ଦ୍ର ପାତ୍ର, କମିଟି ପରିଷଦ ସଦସ୍ୟ ପ୍ରିୟନାଥ ଆଚାର୍ଯ୍ୟ, ମଳୟ ତ୍ରିପାଠୀ, ନିଆଳି ବ୍ଲକ ମୁଖ୍ୟ ଛବିନ୍ଦ୍ର ବେହେରାଙ୍କ ସମେତ ବାହାରଣା ସରପଞ୍ଚ ବିଶ୍ୱନାଥ ପ୍ରଧାନ, ହେମନ୍ତ ସ୍ୱାଇଁ, ଆଦିତ୍ୟ ପାଣି, ବିଶ୍ୱ ସ୍ୱାଇଁ ପ୍ରମୁଖ ଯୋଗଦେଇ ମଦ ଯୋଗୁଁ ବର୍ତ୍ତମାନ ସମାଜରେ ଅଶାନ୍ତି ଦେଖାଦେଇଥିବା ବେଳେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି ବୋଲି ସେମାନେ କହିଥିଲେ। ପରେ ଏ ନେଇ ଏକ ଦାବିପତ୍ର ତହସିଲଦାର ରଞ୍ଜନକୁମାର ଜେନାଙ୍କୁ ପ୍ରଦାନ କରିଥିଲେ। ଅଠାନ୍ତରରେ ଥିବା ସରକାରୀ ମଦ ଦୋକାନ ଯୋଗୁଁ ସ୍ଥାନୀୟ ଅଞ୍ଚଳର ବହୁ ସମସ୍ୟା ଉପୁଜୁଥିବାରୁ ଉକ୍ତ ଦୋକାନ ଉଚ୍ଛେଦ ସହ ନିଆଳିରେ ଥିବା ସରକାରୀ ମଦଦୋକାନକୁ ମଧ୍ୟ ଉଚ୍ଛେଦ ପାଇଁ ନିଆଳି ଅଞ୍ଚଳର ଜନେକ ବୁଦ୍ଧିଜୀବୀ ମତ ଦେଇଛନ୍ତି। ନିଆଳି-ନଇପଡ଼ା ୬୦ ନମ୍ବର ରାଜ୍ୟ ରାଜପଥର ନିଆଳି ରେଳଗେଟ ଛକଠାରେ ଥିବା ନିଆଳି ସରକାରୀ ମଦ ଦୋକାନ ପାଖରେ କୋର୍ଟ, ଏକ ବେସରକାରୀ ବିଦ୍ୟାଳୟ, ପ୍ରାଥମିକ ଚିକିତ୍ସାଳୟ, ଆଦି ରହିଥିବାରୁ ତୁରନ୍ତ ଅଠାନ୍ତର ମଦଦୋକାନ ସହ ନିଆଳି ସରକାରୀ ମଦ ଦୋକାନକୁ ଉଚ୍ଛେଦ ପାଇଁ ମଧ୍ୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ମଦ ବେପାରୀକୁ ଧରି ପୁଲିସକୁ ହସ୍ତାନ୍ତର କଲେ ମହିଳା



ଚନ୍ଦନପୁର,୩୦।୯(ନି.ପ୍ର): ପୁରୀ ସଦର ଚନ୍ଦନପୁର ଅଞ୍ଚଳରେ ମାଦକ ଦ୍ରବ୍ୟର ପ୍ରଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଭିନ୍ନ ଛକ,ନଦୀ ପଠା ଏବଂ ନିଜସ୍ୱ ଗୃହ ମଧ୍ୟରେ ବେଆଇନ ଭାବରେ ମାଦକ ଦ୍ରବ୍ୟର ରଖନ ଏବଂ ବିକ୍ରି ଚାଲିଛି। ଯାହା ଫଳରେ ଯୁବପିଢ଼ି ଖୁବ କମ ଦିନ ମଧ୍ୟରେ ନିଶାସକ୍ତ ହେବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଏହି ପରିପ୍ରେକ୍ଷୀରେ ବାଲଙ୍ଗଗୋପୀନାଥପୁର ଶବର ସାହି ନିକଟରେ ୨ଜଣ ବ୍ୟକ୍ତି ଦେଶୀ ମଦ ରାନ୍ଧି ବିକ୍ରି କରୁଥିବାର ଅଭିଯୋଗ ଚନ୍ଦନପୁର ଥାନାରେ ହୋଇଛି। ଅଭିଯୁକ୍ତ ୨ଜଣ ହେଲେ ଶଙ୍କର ଭୋଇ(୪୫) ଏବଂ ଛବି ନାୟକ(୪୫)। ସେମାନଙ୍କୁ ସ୍ଥାନୀୟ ୩୦ଜଣ ମହିଳା ଏକତ୍ରିତ ହୋଇ ଧରିବା ସହିତ,ଚୋରା ମଦକୁ ନଷ୍ଟ କରି ଦେଇଛନ୍ତି। ପ୍ରଥମରୁ ଏହି ଚୋରା ମଦ ବିକ୍ରି ହେବା ଫଳରେ ସେଠାରେ ଏକ ହତ୍ୟାକାଣ୍ଡ ଘଟି ସାରିଛି। ସ୍ଥାନୀୟ ମହିଳା ଅଭିଯୁକ୍ତ ୨ଜଣଙ୍କୁ ରାସ୍ତାରେ ଚଲାଇ ଚନ୍ଦନପୁର ଥାନାକୁ ହସ୍ତାନ୍ତର କରିବା ସହିତ ୨ ଅଭିଯୁକ୍ତଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟ ଏକ ମାମଲାରେ ସୋମବାର ରାତ୍ରିରେ ଚନ୍ଦନପୁର ପୁଲିସ ରାତ୍ରି ପେଟ୍ରୋଲିଂବେଳେ ଉଦଳଣା ନିକଟରେ ଜଣେ ବ୍ୟକ୍ତି ବେଆଇନ ମଦ ବିକ୍ରି କରୁଥିବାର ଖବର ପାଇ ଚଢ଼ଉ କରିଥିଲେ। ଘଟଣାସ୍ଥଳରେ ୩୩ଲିଟର ଚୋରାମଦ ଜବତ କରିବା ସହ,ଚୋରା ମଦ ବିକ୍ରି ଅଭିଯୋଗରେ ମହେଶ ପରିଡ଼ା(୪୫)କୁ ଗିରଫ କରିଥିଲେ। ଚନ୍ଦନପୁର ପୁଲିସ ଅବକାରୀ ଆଇନ ଅନୁଯାୟୀ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତଙ୍କୁ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରାଯାଇଛି।

# ନିଶା ପ୍ରସାରଣ ବିରୋଧରେ ଗାନ୍ଧୀ ଜୟନ୍ତୀରେ ଗଣଧାରଣା

ଭୁବନେଶ୍ୱର, ୩।୧୦(ନି.ପ୍ର): ଗାନ୍ଧିଜୀଙ୍କ ୧୫୦ ତମ ଜୟନ୍ତୀ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପାଳନ କରୁଛନ୍ତି। ସେହି ଉଦ୍ଦେଶ୍ୟ ନିଆଯାଇଥିବା କାର୍ଯ୍ୟକ୍ରମ ମଧ୍ୟରେ ନିଶାନିବାରଣ ନାହିଁ ବରଂ ରାଜ୍ୟ ସରକାର ନିର୍ବାଚନରେ ଜିତିବା ପରେ ନିଶା ପ୍ରସାରଣ ଆରମ୍ଭ କରିଦେଇଛନ୍ତି। ଏଭଳି ସ୍ଥଳେ ଅହିଂସା କଥା କହିବା ସମ୍ପୂର୍ଣ୍ଣ ନିରର୍ଥକ। ମଦ ସବୁଠାରୁ ଗରିବ ଲୋକଙ୍କ ସଂସାର ଭାଙ୍ଗୁଛି। ଗାନ୍ଧୀ ତାଙ୍କ ଜୀବନ ଉପରେ ପରୀକ୍ଷା କରି ଏ କଥାଟି କହିଥିଲେ। ସେଥିପାଇଁ ଗାନ୍ଧୀ କହିଥିଲେ ଦେଶର ସ୍ୱାଧୀନତା ପ୍ରାପ୍ତିର ୨୪ ଘଣ୍ଟା ମଧ୍ୟରେ ମଦ ଆଦି ନିଶା ହଟିବା ଦରକାର। ରାଜ୍ୟରୁ ମଦ ନ ହଟାଇ ଅହିଂସା କଥା କହିବା ନିରର୍ଥକ ଅଟେ। ଏହାର ପ୍ରତିବାଦରେ ମିଳିତ ଓଡ଼ିଶା ନିଶା ନିବାରଣ ଆନ୍ଦୋଳନ ତରଫରୁ ରାଜ୍ୟର ସବୁ ବ୍ଲକ ସଦରରେ ଗାନ୍ଧୀ ଜୟନ୍ତୀ ଦିନ ଗଣଧାରଣା ଓ ପ୍ରତୀକ ଅନଶନ ପାଳନ କରାଯିବ ବୋଲି ସଂଯୋଜକ ନାୟକ କହିଛନ୍ତି। ଗାନ୍ଧିଜୀଙ୍କ ୧୫୦ ବର୍ଷ ଜୟନ୍ତୀ ପାଳନ କାଳରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ନିଶାନିବାରଣ କାର୍ଯ୍ୟକାରୀ କଲେ ତାହାହିଁ ହେବ ତାଙ୍କ ପ୍ରତି ଯଥାର୍ଥ ଶ୍ରଦ୍ଧାଞ୍ଜଳି। ଲୋହିଆ ଏକାଡେମୀରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଆନ୍ଦୋଳନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଲାଗି ନିଶା ନିବାରଣ ଆନ୍ଦୋଳନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।


ମଦମୁକ୍ତି ଯୁବ ବାହିନୀ ପକ୍ଷରୁ ଯୁବ ଶିବିର, ତାଳପଦେଶ୍ୱରୀ ମନ୍ଦିର, ବାଣୀବିହାର


କସ୍ତିପଦା ପୋଲିସର 'ମୋନା' କର୍ମୀମାନଙ୍କୁ ଗିରଫଦାରି ପ୍ରତିବାଦରେ ମନମୋହନ ମିଶ୍ରଙ୍କ ଦ୍ୱାରା ସାମ୍ବାଦିକ ସମ୍ମିଳନୀ

## ଗାନ୍ଧି ଜୟନ୍ତୀ ଅବସରରେ ବ୍ଲକ୍‌ସ୍ତରୀୟ ଅନଶନ ଓ ଧାରଣା ପାଇଁ ପ୍ରସ୍ତୁତି ବୈଠକ


ପୁରୀ ଜିଲ୍ଲାର ପିପିଲି, ସତ୍ୟବାଦୀ ଓ ଡେଲାଙ୍ଗ ପାଇଁ ବୈଠକ


ଜଗତ୍‌ସିଂହପୁର ଜିଲ୍ଲା ବିରିଡ଼ି ବ୍ଲକ୍


ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ପ୍ରଭାତଫେରି


ଢେଙ୍କାନାଳ ଜିଲ୍ଲା କଙ୍କାଡ଼ାହାଡ଼ ବ୍ଲକ୍


କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ୍


ପ୍ରମେୟ ମଦମୁକ୍ତ ଓଡ଼ିଶା ଅଭିଯାନ

ଯୁବ ସଂଗ୍ରାମୀଙ୍କୁ ଜାରକାରେ ସମ୍ବର୍ଦ୍ଧନା

ଯୁବ ଶିବିରରେ ଯୋଗ ଦେବାକୁ ଭଦ୍ରକ ତିହିଡ଼ି ଅ□ଳରୁ ସାଇକେଲ ଯାତ୍ରା


'ମୋନା' କାର୍ଯ୍ୟାଳୟକୁ ଆସି ଆନ୍ଦୋଳନରେ ଯୋଡ଼ି ହୋଇଥିବା ଜ୍ୟୋତ୍ସ୍ନା ଅପା ଓ ହୃଷିକେଶ ଭାଇ



ସେପ୍ଟେମ୍ବର ୨୨, ୨୦୧୯ରେ ଯୁବ ସମ୍ବାଦ, ସ୍ଥାନ : ଭୁବନେଶ୍ୱର